# NATIONAL NEWS BULLETIN (ODIA)
## 3 May - 2026
## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ଗାଲାକ୍ସଆଇ'ର 'ଅଭିଯାନ ଦୃଷ୍ଟି' ଭାରତୀୟ ମହାକାଶ ଯାତ୍ରାର ଏକ ବଡ଼ ସଫଳତା; କହିଲେ ପ୍ରଧାନମନ୍ତ୍ରୀ
- ପଶ୍ଚିମବଙ୍ଗ, କେରଳ, ତାମିଲନାଡୁ, ଆସାମ ଓ ପୁଡୁଚେରୀ ବିଧାନସଭା ନିର୍ବାଚନର ଭୋଟ୍ ଗଣତି ଆସନ୍ତାକାଲି ହେବା ସହିତ ଫଳାଫଳ ପ୍ରକାଶ ପାଇବ
- ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲିଠାରୁ ପାଳନ କରାଯିବ ସର୍ବଭାରତୀୟ ଅଗ୍ନି ନିରାପତ୍ତା ସପ୍ତାହ

ଏବଂ

- ଆଇପିଏଲ୍ କ୍ରିକେଟରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୭ ୱିକେଟ୍‌ରେ ପରାସ୍ତ କଲା କୋଲକାତା ନାଇଟ୍ ରାଇଡର୍ସ

# ପିଏମ୍- ମିଶନ ଦୃଷ୍ଟି

ଗାଲାକ୍ସଆଇର 'ଅଭିଯାନ ଦୃଷ୍ଟି' ଭାରତୀୟ ମହାକାଶ ଯାତ୍ରାରେ ଏକ ପ୍ରମୁଖ ସଫଳତା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ବିଶ୍ୱର ପ୍ରଥମ ଅପ୍‌ଟୋସାର ସାଟେଲାଇଟ୍ ଏବଂ ଭାରତରୁ ସର୍ବବୃହତ ସାଟେଲାଇଟ୍‌ର ସଫଳ ଉତ୍‌କ୍ଷେପଣ ଯୁବପିଢ଼ିଙ୍କ ନବସୃଜନ ଏବଂ ରାଷ୍ଟ୍ର ନିର୍ମାଣ ପ୍ରତି ଆଗ୍ରହର ବଳିଷ୍ଠ ପ୍ରମାଣ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଗାଲାକ୍ସଆଇ'ର ପ୍ରତିଷ୍ଠାତା ଏବଂ ସମଗ୍ର ଦଳକୁ ଅଭିନନ୍ଦନ ଜଣାଇଛନ୍ତି ।

ଗାଲାକ୍ସଆଇ ପକ୍ଷରୁ ଆଜି ଉଚ୍ଚକ୍ଷମତା ସମ୍ପନ୍ନ ବିଶ୍ୱର ପ୍ରଥମ ସେନସରଯୁକ୍ତ ରାଡାର ପ୍ରଯୁକ୍ତିବିଦ୍ୟା ଆଧାରିତ ସାଟେଲାଇଟ୍ ଉତ୍‌କ୍ଷେପଣ ହୋଇଛି । ଏହା ଅତି ସ୍ୱଷ୍ଟ ଏବଂ ରଙ୍ଗୀନ ଚିତ୍ର ପ୍ରଦାନ କରିବା ସହ ପ୍ରତିକୂଳ ପାଗରେ ମଧ୍ୟ ପୃଥିବୀର ସଠିକ୍ ଚିତ୍ର ଉତ୍ତୋଳନ କରିବାରେ ସମର୍ଥ ।

# ଭୋଟ୍ କାଉଣ୍ଟିଂ

ପଶ୍ଚିମବଙ୍ଗ, କେରଳମ୍, ତାମିଲନାଡୁ, ଆସାମ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ଅନୁଷ୍ଠିତ ବିଧାନସଭା ନିର୍ବାଚନର ଭୋଟଗଣତି ଆସନ୍ତାକାଲି ଅନୁଷ୍ଠିତ ହେବ ।

ପଶ୍ଚିମବଙ୍ଗରେ ନିର୍ବାଚନ ଅଧିକାରୀମାନେ କହିଛନ୍ତି, ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହିତ ରାଜ୍ୟବ୍ୟାପୀ ୭୭ଟି ଗଣନା କେନ୍ଦ୍ରରେ ସମସ୍ତ ବ୍ୟବସ୍ଥା କରାଯାଇଛି। ପଶ୍ଚିମବଙ୍ଗର ୨୯୪ଟି ବିଧାନସଭା ଆସନ ପାଇଁ ଦୁଇଟି ପର୍ଯ୍ୟାୟରେ ୨୩ ଓ ୨୯ ତାରିଖରେ ମତଗ୍ରହଣ କରାଯାଇଥିଲା। ତେବେ ଚବିଶ ପ୍ରଗଣା ଜିଲ୍ଲାର ଫାଲ୍‌ଟା ବିଧାନସଭା ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ହୋଇଥିବା ମତଦାନ ପ୍ରକ୍ରିୟାକୁ ନିର୍ବାଚନ ଆୟୋଗ ଅସିଦ୍ଧ ଘୋଷଣା କରିବା ପରେ, ଆସନ୍ତାକାଲି ୨୯୩ଟି ଆସନର ଭୋଟଗଣତି ହେବ।

ଆସାମର ସମସ୍ତ ୧୨୬ଟି ଆସନ ପାଇଁ ଭୋଟ ଗଣତି ୩୫ଟି ଜିଲ୍ଲାର ୪୦ଟି ଗଣନା କେନ୍ଦ୍ରରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ କରାଯିବ।

ତାମିଲନାଡୁରେ ସୁଗମ ଗଣନା ସୁନିଶ୍ଚିତ କରିବା ପାଇଁ ଷ୍ଟ୍ରଙ୍ଗରୁମ୍ ଚର୍ତୁପାର୍ଶ୍ୱ ଏବଂ ଗଣନା କେନ୍ଦ୍ରରେ ତଥା ସାର୍ବଜନୀନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଗଣନା ପ୍ରକ୍ରିୟା ପ୍ରସ୍ତୁତି ପାଇଁ ସମସ୍ତ ଦଳ ନିଜ ନିଜ ପୁଲିଂ ଏଜେଣ୍ଟମାନଙ୍କ ସହ ଏକ ବୈଠକ ଡକାଯାଇଛି। ଡି.ଏମ୍.କେ. ଏବଂ ଟି.ଭି.କେ ଦଳଗୁଡ଼ିକ ବିଶୃଙ୍ଖଳା ଅଭିଯୋଗ କରି ନିର୍ବାଚନ ଆୟୋଗଙ୍କୁ ପତ୍ର ଲେଖିବା ସହ ଆସନ୍ତାକାଲି ଭୋଟ୍‌ଗଣତି ହେବାକୁ ଥିବା ବେଳେ ରାଜ୍ୟରେ ଆଇନଶୃଙ୍ଖଳା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବାକୁ ନିର୍ବାଚନ ଆୟୋଗଙ୍କୁ ଅନୁରୋଧ କରିଛନ୍ତି। ୨୩୪ଟି

ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ  ୨୩୪ ଜଣ ଗଣନା ପର୍ଯ୍ୟବେକ୍ଷକ ଏବଂ ସେମାନଙ୍କୁ ସହାୟତା ପାଇଁ ୪ ହଜାର ୬୨୪ ଜଣ ମାଇକ୍ରୋ ପର୍ଯ୍ୟବେକ୍ଷକ ମଧ୍ୟ ନିୟୋଜିତ ରହିବେ ବୋଲି ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି। ତାମିଲନାଡୁରେ ମୋଟ ୧୦ ହଜାର ୫୪୫ ଗଣନା କର୍ମଚାରୀଙ୍କୁ ଭୋଟଗଣତି କାର୍ଯ୍ୟରେ ନିୟୋଜିତ କରାଯିବ।

ପୁଡୁଚେରୀରେ ବ୍ୟାପକ ସୁରକ୍ଷା ଓ ତଦାରଖ ବ୍ୟବସ୍ଥା ସହିତ ବିଧାନସଭା ନିର୍ବାଚନ ଭୋଟ୍ ଗଣତି ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ପୁଡୁଚେରୀ ମୁଖ୍ୟ ନିର୍ବାଚନ ଅଧିକାରୀ ପି.ଜବାହର ଆକାଶବାଣୀକୁ ସୂଚନା ଦେଇ କହିଛନ୍ତି, ଭାରତର ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ପର୍ଯ୍ୟବେକ୍ଷକଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରକ୍ରିୟା ସ୍ୱଚ୍ଛ ଭାବେ ପରିଚାଳିତ ହେବ। ଅନ୍ୟପକ୍ଷରେ କେରଳମ୍‌ରେ ବିଧାନସଭା ନିର୍ବାଚନ ଭୋଟ୍ ଗଣତି ପାଇଁ ସମସ୍ତ ବ୍ୟବସ୍ଥା  ସମ୍ପୂର୍ଣ୍ଣ ହୋଇଛି। ସେଠାରେ ୧୪୦ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସକାଳ ୫ଟାରୁ ଭୋଟ୍ ଗଣତି ହେବାକୁ ବେଳେ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟର ୪୩ଟି ସ୍ଥାନରେ ୩୨ ହଜାରରୁ ଊର୍ଦ୍ଧ୍ୱ ପୁଲିସ କର୍ମୀଙ୍କୁ ନିୟୋଜିତ କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

# ୱେଷ୍ଟଏସିଆ

ପଶ୍ଚିମ ଏସିଆ ସଂକଟ ସତ୍ତ୍ୱେ ଶକ୍ତି ଯୋଗାଣ, ସାମୁଦ୍ରିକ କାର୍ଯ୍ୟକଳାପ ଏବଂ ଭାରତୀୟ ନାଗରିକଙ୍କୁ ସହାୟତା ସୁନିଶ୍ଚିତ କରିବା

ପାଇଁ ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ସୂଚନା ଅନୁସାରେ, ଦେଶରେ ଏଲ୍.ପି.ଜି. ମହଜୁଦ ଏବଂ କଳାବଜାରୀ ରୋକିବା ପାଇଁ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଗତକାଲିଠାରୁ ସମଗ୍ର ଦେଶରେ ୧୨ ଶହରୁ ଅଧିକ ସ୍ଥାନରେ ଚଢ଼ଉ କରାଯାଇଥିଲା। ଦେଶବ୍ୟାପୀ ଅନଲାଇନ୍ ଏଲ୍.ପି.ଜି. ସିଲିଣ୍ଡର ବୁକିଂ ୯୯ ପ୍ରତିଶତକୁ ବୃଦ୍ଧି ପାଇଛି। ୪୭ ଲକ୍ଷ ୪ ହଜାର ଏଲ୍.ପି.ଜି. ସିଲିଣ୍ଡର ବୁକିଂ ହୋଇଥିବା ବେଳେ ୪୭ ଲକ୍ଷ ଏଲ୍.ପି.ଜି. ସିଲିଣ୍ଡର ବିତରଣ ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ମାର୍ଚ୍ଚ ପରଠାରୁ ପ୍ରାୟ ୬ ଲକ୍ଷ ୪ ହଜାର ପି.ଏନ୍.ଜି ସଂଯୋଗକୁ ଗ୍ୟାସ୍ ଯୋଗାଣ କରାଯାଇଛି ଏବଂ ଅତିରିକ୍ତ ୨ ଲକ୍ଷ ୬୮ ହଜାର ସଂଯୋଗ ପାଇଁ ଭିତ୍ତିଭୂମି ସୃଷ୍ଟି କରାଯାଇଛି। ଏପ୍ରିଲ ମାସ ୩ ତାରିଖ ପରଠାରୁ ୧ ଲକ୍ଷ ୭୫ ହଜାର' ୫ କିଲୋଗ୍ରାମ ବିଶିଷ୍ଟ ମୁକ୍ତ ବାଣିଜ୍ୟ ଏଲ୍.ପି.ଜି. ସିଲିଣ୍ଡର ବିକ୍ରି ହୋଇଛି।

ମାର୍ଶାଲ ଦ୍ୱୀପପୁଞ୍ଜ ଧ୍ୱଜାଧାରୀ ଏଲ୍.ପି.ଜି. ବୋଝେଇ ଜାହାଜ ଏମ୍.ଟି. ସର୍ବଶକ୍ତି ଗତକାଲି ୪୬ ହଜାର ୩୧୩ ମେଟ୍ରିକ ଟନ୍ ଏଲ୍.ପି.ଜି. ନେଇ ସୁରକ୍ଷିତ ଭାବେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିଛି। ଆସନ୍ତା ୧୩ ତାରିଖରେ ବିଶାଖାପାଟଣାରେ ପହଁଞ୍ଚିବାର ଆଶା କରାଯାଉଛି ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ସଂଯୁକ୍ତ ଆରବ୍ ଏମିରେଟ୍ସ ବେସାମରିକ ବିମାନ ଚଳାଚଳ ପ୍ରାଧିକରଣ ଗତକାଲି ସେଠାକାର ବାୟୁ ସୀମା ମଧ୍ୟରେ ସାଧାରଣ ବିମାନ ଚଳାଚଳକୁ ପୁନଃ ଆରମ୍ଭ କରିବା ନେଇ ଘୋଷଣା କରିଛି। ଭାରତୀୟ ଏବଂ ୟୁ.ଏ.ଇ.ର ବିମାନ କମ୍ପାନୀଗୁଡ଼ିକ ପକ୍ଷରୁ ଭାରତର ବିଭିନ୍ନ ସ୍ଥାନକୁ ବିମାନ ଚଳାଚଳ କରୁଛି। ତେହେରାନ୍‌ରେ ଥିବା ଭାରତୀୟ ଦୂତାବାସ ଏ ପର୍ଯ୍ୟନ୍ତ ୨ ହଜାର ୫୦୦ରୁ ଅଧିକ ଭାରତୀୟ ନାଗରିକଙ୍କୁ ସ୍ଥଳସୀମା ମାର୍ଗ ଦେଇ ଇରାନ୍‌ରୁ ବାହାରକୁ ଯିବାରୁ ସୁବିଧା ଯୋଗାଇ ଦେଇଛି।

## ଜୟଶଙ୍କର- ତ୍ରିରାଷ୍ଟ୍ରୀୟ ଗସ୍ତ

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଜାମାଇକା, ସୁରିନାମ ଏବଂ ତ୍ରିନିଦାଦ-ଟବାଗୋକୁ ଗସ୍ତରେ ଯାଇ ଆଜି ଜାମାଇକାର କିଙ୍ଗ୍‌ଷ୍ଟନ୍‌ରେ ପହଁଞ୍ଚିଛନ୍ତି। ସେଠାରେ ତାଙ୍କୁ ଜାମାଇକା ପ୍ରତିପକ୍ଷ କାମିନା ଜେ ସ୍ମିଥ୍‌ଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ଆଗାମୀ ଦୁଇ ଦିନ ମଧ୍ୟରେ ଜାମାଇକାର ଶୀର୍ଷ ନେତୃତ୍ୱ, ବ୍ୟବସାୟ ସମ୍ପ୍ରଦାୟ ଏବଂ ପ୍ରବାସୀ ଭାରତୀୟମାନଙ୍କୁ ଭେଟିବାକୁ ସେ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି, ଚଳିତ ମାସ ୧୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବୈଦେଶିକ ମନ୍ତ୍ରୀଙ୍କ ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ତିନୋଟି ଦେଶର ଶୀର୍ଷ ନେତୃତ୍ୱଙ୍କୁ ଭେଟିବେ। ତାଙ୍କ ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା ସହ

ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ନେଇ ମତ ରଖିବେ। ଡକ୍ଟର ଜୟଶଙ୍କରଙ୍କ ଏହି ଗସ୍ତ ଜାମାଇକା, ସୁରିନାମ ଏବଂ ତ୍ରିନିଦାଦ ଓ ଟବାଗୋ ସହିତ ଭାରତର ରାଜନୈତିକ ସମ୍ପର୍କକୁ ବୃଦ୍ଧି କରିବା ସହ ଦକ୍ଷିଣ-ଦକ୍ଷିଣ ସହଯୋଗ ଏବଂ ବିକାଶ ପ୍ରତି ପାରସ୍ପରିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ଫାୟାର ସେଫ୍‌ଟି ୱିକ୍

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ, କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ବିଭାଗ ସହିତ ମିଳିତ ଭାବେ ଦେଶର ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ନିରାପତ୍ତା ନେଇ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟ ନେଇ ଆସନ୍ତାକାଲିଠାରୁ ସର୍ବଭାରତୀୟ ଅଗ୍ନି ନିରାପତ୍ତା ସପ୍ତାହ ପାଳନ କରିବ। ସ୍ୱାସ୍ଥ୍ୟ ସଚିବ ପୁଣ୍ୟ ସଲୀଲା ଶ୍ରୀବାସ୍ତବ ଆସନ୍ତାକାଲି ଅଗ୍ନି ନିରାପତ୍ତା ସପ୍ତାହର ଉଦ୍‌ଘାଟନ କରିବେ। ନୂଆଦିଲ୍ଲୀର କର୍ତ୍ତବ୍ୟ ଭବନସ୍ଥିତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ପ୍ରତିଜ୍ଞା ଶପଥ ଗ୍ରହଣର ନେତୃତ୍ୱ  ଶ୍ରୀ ଶ୍ରୀବାସ୍ତବ ନେବେ। ସପ୍ତାହବ୍ୟାପୀ ସମଗ୍ର ଦେଶରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ବ୍ୟାପକ ସଚେତନତା ଅଭିଯାନ, ମକ୍‌ଡ୍ରିଲ, କ୍ଷମତା ନିର୍ମାଣ ପଦକ୍ଷେପ, ଏବଂ ଅଗ୍ନି ନିରାପତ୍ତା ମାର୍ଗଦର୍ଶିକା ପ୍ରସାର ସମେତ ବିଭିନ୍ନ କାର୍ଯ୍ୟକଳାପ କରାଯିବ।

# ଆଧାର କ୍ଲାରିଫିକେସନ୍

ଚଳିତ ବର୍ଷ ଶେଷ ସୁଦ୍ଧା ଆଧାରକାର୍ଡର ଡିଜାଇନ୍‌ରେ ପରିବର୍ତ୍ତନ ହେବା ସଂକ୍ରାନ୍ତ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଖବରକୁ ଇଲେକ୍‌ଟ୍ରୋନିକ୍ସ ଏବଂ ଆଇ.ଟି. ମନ୍ତ୍ରଣାଳୟ ଖଣ୍ଡନ କରିଛି। ସ୍ପଷ୍ଟୀକରଣରେ କୁହାଯାଇଛି ଯେ, ଏପରି କୌଣସି ପରିବର୍ତ୍ତନ ପାଇଁ ଯୋଜନା ନାହିଁ। ଏହି ଖବର ଏବଂ ସାମାଜିକ ଗଣମାଧ୍ୟମ ପୋଷ୍ଟ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଜନସାଧାରଣଙ୍କୁ ଏପରି ରିପୋର୍ଟ ଏବଂ ସାମାଜିକ ଗଣମାଧ୍ୟମ ପୋଷ୍ଟକୁ ଅଣଦେଖା କରିବା ସହ ୟୁ.ଆଇ.ଡି.ଏ.ଆଇ.ର ସରକାରୀ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଏବଂ ପି.ଆଇ.ବି. ଦ୍ୱାରା ଜାରି ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

# ନିକ୍ ଷ୍ଟୁଆର୍ଟ- ଆପଏଣ୍ଟମେଣ୍ଟ

ଇରାନ୍ ସହିତ ଚାଲିଥିବା ସଂଘର୍ଷର ଅନ୍ତ ଘଟାଇବା ପାଇଁ କାର୍ଯ୍ୟ କରୁଥିବା କୂଟନୈତିକ ପରାମର୍ଶଦାତା ଭାବେ ନିକ୍ ଷ୍ଟିଓ୍ୱାର୍ଟଙ୍କୁ ନିଯୁକ୍ତ କରାଯାଇଥିବା ନେଇ ହ୍ୱାଇଟ୍ ହାଉସ୍ ସ୍ୱଷ୍ଟ କରିଛି। ଏକ ବିବୃତିରେ ମୁଖପାତ୍ର ଅଲିଭିଆ' ଷ୍ଟିଓ୍ୱାର୍ଟଙ୍କୁ ଜଣେ ଅଭିଜ୍ଞ ନୀତି ବିଶାରଦ ଭାବେ ବର୍ଣ୍ଣନା କରିଛନ୍ତି। ସେ ଷ୍ଟିଭ୍ ଓ୍ୱିଟ୍‌କପ୍‌ଙ୍କ ନେତୃତ୍ୱାଧୀନ ପ୍ରତିନିଧି ମଣ୍ଡଳୀକୁ

ସହାୟତା କରିବେ। ପୂର୍ବରୁ ଷ୍ଟିଓ୍ୱାର୍ଟ ଟ୍ରମ୍ପଙ୍କ ପ୍ରଥମ ଟ୍ରମ୍ପ ପ୍ରଶାସନ ସମୟରେ ଷ୍ଟେଟ୍ ଡିପାର୍ଟମେଣ୍ଟରେ ଇରାନ୍ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ କାର୍ଯ୍ୟ କରିଥିଲେ।

ଆମେରିକା ସମର୍ଥିତ ୯ ସୂତ୍ରୀ ଶାନ୍ତି ଯୋଜନାର ପ୍ରତି ବଦଳରେ ଇରାନ୍ ୧୪ ସୂତ୍ରୀ ଶାନ୍ତି ପ୍ରସ୍ତାବ ଦେବା ପରେ ଆମେରିକା ନିକ୍ ଷ୍ଟିଓ୍ୱାର୍ଟଙ୍କୁ ପରାମର୍ଶଦାତା ଭାବେ ନିଯୁକ୍ତ କରିଛି।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଆଉ କିଛି ସମୟ ପରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଗୁଜୁରାଟ ଟାଇଟନ୍ସ ଏବଂ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ମୁକାବିଲା ହେବ। ଗୁଜୁରାଟ ଟାଇଟନ୍ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି।

ଆଜି ହାଇଦ୍ରାବାଦର ରାଜୀବ ଗାନ୍ଧୀ ଆନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ୭ ୱିକେଟ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ୧୬୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି କୋଲକାତା ନାଇଟ୍ ରାଇଡର୍ସ ୧୮ ଦଶମିକ ୨ ଓଭରରେ ୩ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା।